بسم الله الرحمن الرحيم

**୨୦ ଅଗଷ୍ଟ ୨୦୨୧ ଖୁତବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ**

ହଜରତ ମୁହମ୍ମଦ ସ.ଅଙ୍କର ସର୍ବୋଚ୍ଚସ୍ତରରେ ଅଧିଷ୍ଠୀତ ମାର୍ଗଦର୍ଶନକାରୀ ଖଲିଫା ଓ ଶ୍ରେଷ୍ଠ ଫାରୁକ୍ ହଜରତ ଉମର ବିନ୍ ଖତାବ୍ ର.ଅଙ୍କ ଉତ୍ତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱର ଅ.ବ କହିଲେ ବିଗତ କିଛି ଖୁତବାରୁ ହଜରତ ଉମର ର.ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଛି ସେହିକ୍ରମରେ ଆଜି ଆପଣଙ୍କ ଖିଲାଫତ୍ କାଳରେ ଘଟିଥିବା ଅନେକ ଯୁଦ୍ଧ ମଧ୍ୟରୁ ଗୋଟିଏ ଯୁଦ୍ଧ ଜୁନ୍ଦୟା ସାବୁର ଚର୍ଚ୍ଚା କରିବି । ଜୁନ୍ଦିୟା ସାବୁର ଖଜାସ୍ତାନର ଏକ ସହର ଥିଲା । ହ.ଅବୁ ସବରାଃ ବିନ୍ ରହମ୍ ସାସାନୀ ବସ୍ତି ଜୟ କରିବା ପରେ ଆଗକୁ ଜୁନ୍ଦିୟା ସାବୁର ଅଭିମୁଖେ ଅଗ୍ରସର ହୋଇଥିଲେ । ସେ ଯାହା ହେଉନା କାହିଁକି ସେମାନଙ୍କ ସହ ମୁସଲମାନମାନଙ୍କର ଦିବାରାତ୍ର ଘମାଘୋଟ ଲଢେଇ ଚାଲିଥାଏ କିନ୍ତୁ ଶତ୍ରୁ ନିଜ ସ୍ଥାନରେ ଦାୟିକତାର ସହିତ ଦଣ୍ଡାୟମାନ ରହିଥିଲା । ଏପରିକି ମୁସଲମାନମାନଙ୍କ ତରଫରୁ କେହି ଜଣେ ସୁରକ୍ଷା ଦେବାର ଆଲୋଚନା କରିବାରୁ ତାହାକୁ ସେମାନେ ସଙ୍ଗେସଙ୍ଗେ ସ୍ୱୀକାର କରିନେଲେ ଏବଂ ଦୁର୍ଗର ଫାଟକ ଖୋଲି ଦେଲେ । ମୁସଲମାନମାନେ କହିଲେ ତୁମକୁ କ'ଣ ହୋଇଗଲା, ସେମାନେ କହିଲେ ଆପଣମାନେ ତ ଆମକୁ ସୁରକ୍ଷା ପ୍ରଦାନ କରିଦେଲ ଏବଂ ଆମେ ତାହା ସ୍ୱୀକାର କରିନେଲୁ । ପ୍ରତିଉତ୍ତରରେ ମୁସଲମାନମାନେ କହିଲେ ଆମେ ତ ଏକଥା ଜାଣି ନାହୁଁ । ସେଥିଅନ୍ତେ ମୁସଲମାନମାନେ ପରସ୍ପରକୁ ପଚରା ଉଚରା କରିବାରୁ ଜଣା ପଡ଼ିଲା ଯେ ଅକନଫ ନାମୀ ଜଣେ କ୍ରୀତଦାସ ଏହି କାଣ୍ଡ କରିବସିଛନ୍ତି । ହ. ମୁସଲେହ ମଉଦ ର.ଅ କୁହନ୍ତି ଯେତେବେଳେ ହ.ଉମର ର.ଅଙ୍କ ନିକଟେ ଏହି ସୂଚନା ପହଂଚିଲା, ସେତେବେଳେ ଆପଣ ନିର୍ଦ୍ଦେଶ ଦେଲେ ଯଦି ଜଣେ ମୁସଲମାନ କଥା ଦେଇ ସାରିଛି ତେବେ ତାହା କଥାର ମାନ ରଖ । ତେଣିକି ସେ ଜଣେ କ୍ରୀତଦାସ ହୋଇଥାଉ ନା କାହିଁକି । ସେହି ପ୍ରତିଶ୍ରୁତି ରକ୍ଷା କରିବା ତୁମର ପରମ ଧର୍ମ । କିନ୍ତୁ ହଁ! ଭବିଷ୍ୟତ ପାଇଁ ଏହି ଘୋଷଣା କରିଦିଅ ଯେ ସେନାଧକ୍ଷ ବ୍ୟତୀତ ଅନ୍ୟ କେହି କୌଣସି ପ୍ରକାରର ସନ୍ଧିପତ୍ର ଅବା ପ୍ରତିଶ୍ରୁତି ସ୍ୱାକ୍ଷର କରିପାରିବେ ନାହିଁ ।

ଇରାନ ବିଜୟର କାରଣ ଚର୍ଚ୍ଚା ପ୍ରସଙ୍ଗରେ ହ.ଉମର ର.ଅଙ୍କର ଏହି ଅଭିଳାଷ ରହିଥିଲା ଯେ ଇରାକ୍ ଓ ଅହୱାଜ୍‌ର ଯୁଦ୍ଧ ପରେ ହିଁ ଏହି ରକ୍ତପିପାସୁ ଖେଳର ପରିସମାପ୍ତି ଘଟୁ । କିନ୍ତୁ ଇରାନୀ ପ୍ରଶାସନ କ୍ରମାଗତ ଭାବରେ ଯୁଦ୍ଧ ଲଢିବା ମନୋଭାବ ଆପଣଙ୍କ ଅଭିଳାଷ ପୂରଣ ହେବାକୁ ଦେଲା ନାହିଁ । ୧୭ ହିଜରୀରେ ରଣକ୍ଷେତ୍ରରୁ ଏକ ପ୍ରମୁଖ ଦଳ ହ.ଉମର ର.ଅଙ୍କ ସେବାରେ ଉପସ୍ଥିତ ହେଲା । ଆପଣ ସେମାନଙ୍କୁ ବିଜୟ ପ୍ରାପ୍ତ ଅଂଚଳରେ ବାରମ୍ବାର ବିଦ୍ରୋହର କାରଣ ପଚାରିଲେ ଏବଂ ଏହି ସନ୍ଦେହର ପରିପ୍ରକାଶ କଲେ ଯେ କ'ଣ ମୁସଲମାନମାନେ ସେହି ଦେଶବାସୀଙ୍କ ପାଇଁ ଉତ୍ପୀଡ଼ନାର କାରଣ ସାଜୁଛନ୍ତି । ଏଥିରେ ସମସ୍ତ ସରଦାରମାନେ ଏହାର ଖଣ୍ଡନ କଲେ ଏବଂ ଅହନଫ ବିନ୍ କୈଶ କହିଲେ ହେ ଅମିରୁଲ୍ ମୁମିନିନ୍! ଆପଣ ତ ଆମକୁ ଆଗକୁ ବଢିବାକୁ ବାରଣ କରିଛନ୍ତି । କିନ୍ତୁ ଇରାନର ରାଜା ଯେପର୍ଯ୍ୟନ୍ତ ଜୀବିତ ଅଛନ୍ତି ସେ ଆମ ସହିତ ପ୍ରତିଦ୍ୱନ୍ଦିତା ଅବ୍ୟାହତ ରଖିଥିବେ । ଆପଣଙ୍କ ଆଦେଶାନୁଯାୟୀ ଆମେ କୌଣସି ଅଂଚଳ ଅଧିକାର

କରି ନାହୁଁ କିନ୍ତୁ ଶତ୍ରୁର ପ୍ରଥମେ ଆକ୍ରମଣ କରିବା ପରେ ଜୟ କରି ହାସଲ କରିଛୁ । ଶତ୍ରୁର ଆକ୍ରମଣ ସେପର୍ଯ୍ୟନ୍ତ ବଳବତ୍ତର ରହିବ ଯେପର୍ଯ୍ୟନ୍ତ ଆପଣ ଆମକୁ ଏହାର ଅନୁମତି ଦେଇ ନାହାନ୍ତି ଯେ ସୈନ୍ୟସଜ୍ୟା କରି ଇରାନର ସମ୍ରାଟକୁ ବଳପୂର୍ବକ ଦେଶରୁ ବିତାଡ଼ିତ କରିଦେଇ ନାହୁଁ । ହ.ଉମର ର.ଅ ଏହି ରାଏର ସମର୍ଥନ କରିଥିଲେ ସୁଦ୍ଧା ଉକ୍ତ ରାଏକୁ କାର୍ଯ୍ୟକାରୀ କରିବାର ଅନୁମତି ଆପଣ ୨୧ ହିଜରୀ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ, ନହଓ୍ୱନ୍ଦ ଯୁଦ୍ଧ ପରେ ଆପଣ ତାହାର ଅନୁମତି ପ୍ରଦାନ କରିଥିଲେ ।

ହଜୁର ଅନଓ୍ୱର ଅ.ବ କହିଲେ- ଏଠାରେ ସେହି ମୁସଲମାନ ଯେ ଏହି ପ୍ରଶ୍ନ ଉଠାଇଥାନ୍ତି ଯେ ମୁସଲମାନମାନେ ଅଯଥାରେ ଯୁଦ୍ଧ କରି ରକ୍ତପାତ କରୁଥିଲେ ଏବଂ ସେହି ଲୋକମାନେ ଯେ ଇସଲାମ ଉପରେ ଆପତ୍ତି କରିଥାନ୍ତି, ଉଭୟଙ୍କ ପାଇଁ ଉତ୍ତର ଆସିଗଲା ଯେ ମୁସଲମାନମାନେ କଦାପି ଭୂମି ଅଧିକାର କରିବା ଉଦ୍ଦେଶ୍ୟରେ ଶତ୍ରୁ ସହିତ ଲଢୁ ନଥିଲେ । ବରଂ ଶାନ୍ତି ପ୍ରତିଷ୍ଠା ସକାଶେ ଶତ୍ରୁର ମୁକାବିଲା କରୁଥିଲେ ।

ଇରାନ ବିଜୟ ପରିପ୍ରେକ୍ଷୀରେ କାଦସିୟା, ଜଲୁଲା ଓ ନହଓ୍ୱନ୍ଦ ଏହି ତିନୋଟି ଯୁଦ୍ଧ ନିର୍ଣ୍ଣାୟକ ଥିଲା । ନହଓ୍ୱନ୍ଦ ଯୁଦ୍ଧ ଇରାନୀମାନଙ୍କର ମୁସଲମାନଙ୍କ ବିରୁଦ୍ଧରେ ଶେଷ ପ୍ରୟାସ ଥିଲା । ନହଓ୍ୱନ୍ଦ ସହର ହମଦାନ ରାଜ୍ୟର ରାଜଧାନୀ ହମଦାନ ଠାରୁ ପାଖାପାଖି ୭୦କି.ମି ଦକ୍ଷିଣ ଦିଗରେ ଅବସ୍ଥିତ ଥିଲା । ଇରାନ ସମ୍ରାଟ ୟଜଦଜର୍ଦ ବେଶ୍ ବିରତ୍ୱର ସହିତ ମସୁଲମାନମାନଙ୍କ ମୁକାବିଲାରେ ନିଜ ପତ୍ର ମାଧ୍ୟମରେ ଖରାଶାନରୁ ସିନ୍ଧ ପର୍ଯ୍ୟନ୍ତ ଅଂଚଳକୁ ଆନ୍ଦୋଳିତ କରିଦେଇଥିଲେ । ପ୍ରତ୍ୟେକ ଦିଗରୁ ଇରାନୀ ସେନା ଭୟଙ୍କର ତୋଫାନ ପରି ମାଡ଼ି ଆସି ନହଓ୍ୱନ୍ଦ ଠାରେ ଏକତ୍ରିତ ହୋଇଥିଲେ । ହ. ସାଦ ର.ଅ ଏଥିସଂକ୍ରାନ୍ତରେ ହ.ଉମର ର.ଅଙ୍କୁ ସୂଚିତ କରିଥିଲେ, ଏଥିରେ ଆପଣ ହ.ସାଦଙ୍କ ସ୍ଥାନରେ ହ.ଅମାର ବିନ୍ ୟାସିର୍ ର.ଅଙ୍କୁ ମୁତୟନ କରି ତାଙ୍କୁ ସେହି ଗୁରୁ ଦାୟିତ୍ୱରୁ ମୁକ୍ତ କରିଥିଲେ । ଏହି ସ ଙ୍କଟାପର୍ଣ୍ଣ ପରିସ୍ଥିତିରୁ ଉଦ୍ଧାର ପାଇବା ପାଇଁ ହ.ଉମର ର.ଅ ପରାମର୍ଶ କରିବା ସକାଶେ ମଦିନାରେ ପ୍ରମୁଖ ସାହାବାମାନଙ୍କୁ ଏକାଠି କଲେ । ଉକ୍ତ ବୈଠକରେ ହ.ଉସମାନ ର.ଅ ହ.ଉମର ର.ଅଙ୍କୁ ହଜାଜ୍‌ର ସେନା ସହିତ ସ୍ୱୟଂ ଯିବା ସହିତ ସିରୀୟା, ୟମନ୍ ଓ କୁଫାରୁ ସେନା ପ୍ରତ୍ୟାହାର କରି ନହଓ୍ୱନ୍ଦରେ ଏକାଠି ହେବାର ପରାମର୍ଶ ଦେଲେ । ଯଦିଚ ଅନ୍ୟ ସାହାବାମାନେ ଏହି ରାଏକୁ ସ୍ୱାଗତ ଜଣାଇଲେ କିନ୍ତୁ ହ.ଅଲୀ ର.ଅ ଏହି ମତ ପ୍ରକାଶ କରିଥିଲେ ଯେ ଯଦି ହ.ଉମର ର.ଅ ସ୍ୱୟଂ ପ୍ରସ୍ଥାନ କରନ୍ତି ତେବେ ପ୍ରତ୍ୟେକ ମୁସଲମାନମାନେ ଆପଣଙ୍କ ସାଥିରେ ଯିବା ପାଇଁ ଅଣ୍ଟା ଭିଡ଼ିବେ । ଏପରି ଏଠାରେ ଏକ ବଡ଼ ଭୟଙ୍କର ପରିସ୍ଥିତି ଉପୁଜିବ । ସୁତରାଂ ଆପଣ ମୁସଲମାନ ରାଜ୍ୟମାନଙ୍କୁ ଏହି ସନ୍ଦେଶ ପ୍ରେରଣ କରିଦିଅନ୍ତୁ ଯେ ସେମାନେ ନିଜ ସେନାବାହିନୀରୁ ଗୋଟିଏ ଗୋଟିଏ ଦଳ ଇରାନ ପ୍ରେରଣ କରିଦେବେ ଏବଂ ବଳକା ସୈନ୍ୟଙ୍କୁ ନିଜ ନିଜ ଅଂଚଳର ସୁରକ୍ଷା ଦାୟିତ୍ୱରେ ମୁତୟନ କରିବେ । ହ.ଉମର ଏହି ପରାମର୍ଶକୁ ପସନ୍ଦ କଲେ ଏବଂ ହ.ନୁମାନ ବିନ୍ ମକରନ୍‌ଙ୍କୁ ସେନାଧକ୍ଷ ପଦବୀରେ ଅଧିଷ୍ଠିତ କଲେ । ଅତଏବ ଆପଣ କୁଫାରେ ମୁତୟନ ହ.ନୁମାନ ବିନ୍ ମକରନ୍‌ଙ୍କୁ ପତ୍ର ଲେଖିଲେ; ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ ହ.ନୁମାନ ବିନ୍ ମକରନ୍‌ଙ୍କ ନାମରେ ପତ୍ର, ପ୍ରଭୁ ଆପଣଙ୍କୁ ନିଜ ସୁରକ୍ଷା ବଳୟରେ ରଖିଥାନ୍ତୁ ସେଥିଅନ୍ତେ ଲେଖିଲେ ସକଳ ପ୍ରଶଂସା ସେହି ପରମେଶ୍ୱରଙ୍କ ପାଇଁ ହିଁ ଉଦ୍ଦିଷ୍ଟ ଯାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନୁହନ୍ତି । ମୋତେ ଖବର ମିଳିଛି ଯେ ଇରାନୀମାନେ ତୁମ ମୁକାବିଲା ପାଇଁ ନହଓ୍ୱନ୍ଦ ସହରରେ ଏକ ବିଶାଳ ସେନା ବାହିନୀ ଏକତ୍ରିତ କରିଛନ୍ତି । ମୋର ପତ୍ର ତୁମକୁ ହସ୍ତଗତ ହେବା ମାତ୍ରେ ତୁମେ ପ୍ରଭୁଙ୍କ ଆଦେଶ ଓ ତାଙ୍କ ସାହାଯ୍ୟ ସହଯୋଗ କ୍ରମେ ମୁସଲମାନ ସେନାକୁ ସାଥିରେ ନେଇ ବାହାରିଯିବ । କିନ୍ତୁ ତାଙ୍କୁ ଏଭଳି ଶୁଷ୍କ ଅଂଚଳରେ ପଦାର୍ପଣ କରେଇବ ନାହିଁ ଯେଉଁସ୍ଥଳେ ଚାଲିବା ଦୁଃସାଧ୍ୟ ହେଉଥିବ । ସେମାନଙ୍କ ଅଧିକାର ପ୍ରଦାନ କରିବାରେ କୁଣ୍ଠାବୋଧ କରିବ ନାହିଁ । ନଚେତ ସେମାନେ ଅକୃତଜ୍ଞ ହୋଇଯିବେ । ନା ସେମାନଙ୍କୁ କୌଣସି ପଙ୍କକାଦୁଅ ଅଂଚଳରେ ନିବିଷ୍ଟ କରାଇବ । କାରଣ ଜଣେ ମୁସଲମାନ ମୋତେ ଏକ ଲକ୍ଷ ଦିନାରରୁ ଅଧିକ ପ୍ରିୟ । ଓ୍ୱସ୍‌ସଲାମୁ ଆଲୈକୁମ୍ ଓ ରହ୍‌ମତୁଲ୍ଲାହି ବର୍‌କାତହୁ ।

ଏହି ଆଦେଶର ପାଳନ କରି ହ. ନୁମାନ ର.ଅ ଶତ୍ରୁ ମୁକାବିଲାରେ ପ୍ରସ୍ଥାନ କଲେ । ଆପଣଙ୍କ ସାଥିରେ କେତେକ ବିଶିଷ୍ଟ ସାହାବୀ ଓ ବୀର ମୁସଲମାନ ମଧ୍ୟ ଏହି ଯୁଦ୍ଧରେ ସାମିଲ ଥିଲେ । ହ.ଉମର ର.ଅ ନିର୍ଦ୍ଦେଶ ଦେଇଥିଲେ ଯଦି ନୁମାନ ର.ଅ ଶହିଦ୍ ହୋଇଯାନ୍ତି ତେବେ ହୁଜେଫା ବିନ୍ ୟମାନ୍ ସେନାଧ୍ୟକ୍ଷ ହେବେ, ତାଙ୍କ ଅନ୍ତେ ଜରିର୍ ବିନ୍ ଅବଦ୍ଦୁଲ୍ଲାଃବଜଲି, ତାଙ୍କ ଅନ୍ତେ ମୁଗିରା ବିନ୍ ଶେବାଃ ଓ ତାଙ୍କ ଅନ୍ତେ ଅଶଅସ୍ ବିନ୍ କୈଶ ଅମିର (ସେନାଧ୍ୟକ୍ଷ) ଦାୟିତ୍ୱ ତୁଲାଇବେ । ହ. ନୁମାନ ର.ଅ ନିଜ ଗୁପ୍ତଚର ମାଧ୍ୟମରେ ଖବର ପ୍ରାପ୍ତ କରିନେଲେ ଯେ ନହୱନ୍ଦ ପର୍ଯ୍ୟନ୍ତ ମାର୍ଗ ପରିଷ୍କାର ରହିଛି । ଐତିହାସବିତମାନେ ଇରାନୀ ସେନା ସାଠିଏ ହଜାର ଥିବାର ଉଲ୍ଲେଖ କରିଛନ୍ତି । ଯଦିଓ ଏହି ସଂଖ୍ୟା ବୁଖାରୀରେ ୪୦ହଜାର ଦର୍ଶାଯାଇଛି । ଶତ୍ରୁର ଡ଼ାକରାରେ ଆଲୋଚନା କରିବା ସକାଶେ ହ. ମୁଗିରା ବିନ୍ ଶେବାଃ ଚାଲିଯାଇଥିଲେ । ଇରାନୀମାନେ ଅତି ଆଡ଼ମ୍ବର ପୂର୍ଣ୍ଣ ଆୟୋଜନ କରିଥିଲେ ଏବଂ ଇରାନୀ ସେନାଧ୍ୟକ୍ଷ ନିଜ ଚିରାଚରିତ ଆଚରଣ ଅନୁଯାୟୀ ଆରବବାସୀଙ୍କ ଜୀବନ ଶୈଳୀର ପରିହାସ କରିଥିଲା । ପ୍ରତିଉତ୍ତରରେ ହ.ମୁଗିରା ବିନ୍ ଶେବାଃ କହିଲେ ସେ ସମୟ ଅତିବାହିତ ହୋଇଗଲା ଯେତେବେଳେ ତୁମେ ନିଜ ବୈଭବ ଦେଖାଇ ଆମର ଉପେକ୍ଷା କରୁଥିଲ । ହଜରତ ମୁହମ୍ମଦ ସ.ଅଙ୍କ ଆବିର୍ଭାବ ପରେ ଆରବର ନକ୍ସା ହିଁ ବଦଳି ଯାଇଛି । ସେ ଯାହା ହେଉ ଏହି ଚୁକ୍ତି ପାଇଁ ଉଭୟ ପକ୍ଷର ସାକ୍ଷାତ ସଫଳ ହେଲା ନାହିଁ । ଯୁଦ୍ଧର ବିଭୀଷିକା ଆରମ୍ଭ ହୋଇଗଲା ଏବଂ ପ୍ରାରମ୍ଭରେ ରଣକ୍ଷେତ୍ର ମୁସଲମାନମାନଙ୍କ ପାଇଁ ଅତ୍ୟନ୍ତ କଷ୍ଟଦାୟକ ରହିଥିଲା । ଶତ୍ରୁ ସୁଡ଼ଙ୍ଗ, ଦୁର୍ଗ ଓ ଅଟ୍ଟାଳିକାମାନ ଯୋଗୁଁ ସୁରକ୍ଷିତ ଥିଲା ତ ବିପରୀତ ପାର୍ଶ୍ୱରେ ମୁସଲାମାନ ସେନା ଖୋଲା ପଡ଼ିଆରେ । ଶତ୍ରୁ ଯେତେବେଳେ ସୁଯୋଗ ପାଉଥିଲା ଦୁର୍ଗ ଭିତରୁ ବାହାରି ଆସି ମୁସଲାମାନମାନଙ୍କ ଉପରେ ହଠାତ୍ ଆକ୍ରମଣ କରିଦେଉଥିଲା । ଏହି ଅତି ସଙ୍କଟାପର୍ଣ୍ଣ ପରିସ୍ଥିତିରୁ ମୁକୁଳିବା ପାଇଁ ଇସଲାମୀୟ ସେନାର ସେନାଧ୍ୟକ୍ଷ ନୁମାନ ବିନ ମକରନ୍ ଏକ ବୈଠକ ଡ଼କାଇ ପ୍ରମୁଖ ବ୍ୟକ୍ତି ବିଶେଷଙ୍କ ଠାରୁ ପରାମର୍ଶ ଲୋଡ଼ିଲେ । ବିଭିନ୍ନ ସାହାବା ନିଜ ନିଜର ମତ ପ୍ରକାଶ କରିବା ପରେ ହ.ତଲିହା ର.ଅ ଏହି ମତ ପ୍ରକାଶ କଲେ ଯେ ଶତ୍ରୁ ପକ୍ଷକୁ ଏକ ଛୋଟ ସୈନ୍ୟ ଦଳ ପ୍ରେରଣ କରାଯାଉ ଯେ ତୀରଚାଳନା କରିବେ । ଯେତେବେଳେ ଶତ୍ରୁ ସେମାନଙ୍କ ମୁକାବିଲା ପାଇଁ ବାହାରିବ ସେତେବେଳେ ସମ୍ପୃକ୍ତ ଦଳ ଶତ୍ରୁକୁ ଏଭଳି ପ୍ରତିତ କରାଇବେ ଯେମିତି ସେମାନେ ପରାସ୍ତ ବରଣ କରି ପଳାୟନ କରୁଛନ୍ତି । ସମ୍ଭବତଃ ବିଜୟ ପ୍ରାପ୍ତି ଲାଳସାରେ ଶତ୍ରୁ ଅଧିକ ସଂଖ୍ୟାରେ ଖୋଲା ପଡ଼ିଆକୁ ଚାଲି ଆସିବେ ସେତେବଳେ ଆମେ ସମସ୍ତେ ମିଳିତ ଭାବରେ ତାଙ୍କର ମୁକାବିଲା ପାଇଁ ବାହାରି ଯିବା । ହ.ନୁମାନ ବିନ ମକରନ୍ ଏହି ରାଏକୁ ପସନ୍ଦ କଲେ ଏବଂ ତାହା କାର୍ଯ୍ୟକାରୀ କରିବା ସକାଶେ ଆପଣ ହ. କାଆକା ର.ଅଙ୍କର ଚୟନ କରିଥିଲେ । ସେ ହ.ତଲିହା ର.ଅଙ୍କ ଯୋଜନାନୁଯାୟୀ କାର୍ଯ୍ୟ କରିଥିଲେ ଏବଂ ଶତ୍ରୁ ଠିକ୍ ସେହିପରି କଲା ଯେପରି ହ.ତଲିହା ଆଶା କରିଥିଲେ । ହ.ନୁମାନ ର.ଅ ରସୁଲ ପ୍ରେମୀ ଥିଲେ ଏବଂ ହଜୁର ସ.ଅଙ୍କର ଏହି ଅଭ୍ୟାସ ରହିଥିଲା ଯେ ଯଦି ଦିନବେଳା ପ୍ରଚଣ୍ଡ ଗ୍ରୀଷ୍ମ ତାପ ଯୋଗୁଁ ଯୁଦ୍ଧ ଆରମ୍ଭ ହେଉ ନଥିଲା ତେବେ ମଧ୍ୟାହ୍ନ ପରେ ଯୁଦ୍ଧ ପାଇଁ ବାହାରି ଯାଉଥିଲେ । ଯେତେବେଳେ ଶତ୍ରୁ ମୁସଲମାନ ସେନାର ନିକଟବର୍ତ୍ତୀ ହୋଇ ଯାଉଥିଲା ସେତେବେଳେ ମୁସଲମାନ ସେନା ଶତ୍ରୁର ମୁକାବିଲା କରିବା ପାଇଁ ବ୍ୟଗ୍ର ହୋଇ ନୁମାନ ର.ଅଙ୍କ ଠାରୁ ଅନୁମତି ଲୋଡ଼ୁଥିଲେ । କିନ୍ତୁ ହ.ନୁମାନ ର.ଅ ଲଢ଼ିବାକୁ ଅନୁମତି ପ୍ରଦାନ କଲେ ନାହିଁ, ଯଦିଚ ବଡ଼ ବଡ଼ ସରଦାରମାନେ ଏପରି ନକରିବାକୁ ଆପଣଙ୍କୁ ବାରଣ କଲେ କିନ୍ତୁ ତଥାପି ହ.ନୁମାନ ର.ଅ ଧୈର୍ଯ୍ୟ ରକ୍ଷା କରିବାକୁ ନିର୍ଦ୍ଦେଶ ଦେଲେ । ଖରା ଲେଉଟିଲା ବେଳକୁ ଆପଣ ସମ୍ପୂର୍ଣ୍ଣ ସେନା ବାହିନୀର ପରିକ୍ରମା କଲେ । ପୁନଶ୍ଚ ଅତି ଦରଦ ପୂର୍ଣ୍ଣ ଶବ୍ଦରେ ଭାଷଣ ଦେଲେ ଏବଂ ନିଜ ଶାହାଦତ୍ ପାଇଁ ଦୁଆ କଲେ ଯାହା ଶୁଣି ଲୋକଙ୍କ ଚକ୍ଷୁରୁ ଅଶ୍ରୁ ଝରି ପଡ଼ିଲା । ସେଥିଅନ୍ତେ ଶତ୍ରୁର ଧାଡ଼ିରେ ପ୍ରବେଶ କରିଗଲେ । ହ.ନୁମାନ ର.ଅ ଅତି ବିରତ୍ୱର ସହିତ ଲଢ଼ି ଶହିଦ୍ ହୋଇଗଲେ କିନ୍ତୁ ହ. ହୁଯେଫା ବିନ୍ ୟମାନ ଓ ନଇମ୍ ବିନ୍ ମକରନ୍ ଯୁଦ୍ଧର ଫଳାଫଳ ପ୍ରକାଶ ପାଇବା ପର୍ଯ୍ୟନ୍ତ ଆପଣଙ୍କ ଶାହାଦତ୍‌କୁ ଗୁପ୍ତ ରଖିଥିଲେ । ଆଉ ଏକ ବର୍ଣ୍ଣନାନୁଯାୟୀ ହ. ମୌକଲ୍ କୁହନ୍ତି ଆମେମାନେ ଶତ୍ରୁ ଉପରେ ବିଜୟ ଲାଭ କରିବା ପରେ ମୁଁ ହ.ନୁମାନ ର.ଅଙ୍କ ନିକଟକୁ ଆସିଲି ତାଙ୍କ ଶରୀରରେ ପ୍ରାଣବାୟୁ ବାକି ରହିଥିଲା । ସେ ମୋତେ

ପଚାରିବାରୁ ମୁଁ କହିଲି ଅଲ୍ଲାଃତାଲା ଆମମାନଙ୍କୁ ବିଜୟ ମଣ୍ଡିତ କରିଛନ୍ତି । ଏଥିରେ ସେ ପ୍ରଭୁଙ୍କ ପ୍ରଶଂସା ଗାନ କଲେ ଏବଂ କହିଲେ ଏହି ସୂଚନା ହ.ଉମର ର.ଅଙ୍କ ନିକଟକୁ ପ୍ରେରଣ କରିଦିଅ ।

ହ.ଉମର ର.ଅ ଯୁଦ୍ଧର ଫଳାଫଳ ଜାଣିବା ସକାଶେ ଅତି ଉତ୍କଣ୍ଠିତ ଭାବରେ ଅପେକ୍ଷାରତ ଥିଲେ । ଯେଉଁ ରାତ୍ର ମୁସଲମାନ ସେନା ଶତ୍ରୁ ସହିତ ଯୁଦ୍ଧ ଲଢୁଥିଲା, ସେହି ରାତି ହ.ଉମର ର.ଅ ଅତି ବେଦନାରେ ଅତିବାହିତ କରିଥିଲେ ଏବଂ ଅହୋରାତ୍ର ଅତି ଆତୁରତାର ସହିତ ଦୁଆରେ ନିମଜ୍ଜିତ ରହିଥିଲେ । ଯେପରି କୌଣସି ଗର୍ଭବତୀ ମହିଳା ପ୍ରସୂତି ପୀଡ଼ାରେ ଛଟପଟ ହୋଇଥାଏ ସେହିପରି ଆପଣଙ୍କ ଅବସ୍ଥା ପ୍ରତିତ ହେଉଥିଲା । ଯେତେବେଳେ ସନ୍ଦେଶବାହକ ଶୁଭସମ୍ବାଦ ନେଇ ରଣକ୍ଷେତ୍ରରୁ ଆସି ମଦିନାରେ ପହଂଚିଲେ । ଯେତେବେଳେ ତାହାଠାରୁ ଶୁଭସମାଚାର ଶୁଣିବା ପରେ ଆପଣ ପ୍ରଭୁଙ୍କ ପ୍ରଶଂସା ଗାନ କରିଥିଲେ ଏବଂ କହିଲେ ନୁମାନ ର.ଅଙ୍କ ଅବସ୍ଥା କିପରି । ସନ୍ଦେଶବାହକ ତାଙ୍କର ନିଧନ ହେବାର ଖବର ଦେଇଥିଲେ, ଏଥିରେ ହ.ଉମର ର.ଅଙ୍କୁ ବଡ଼ ଧକ୍କା ଲାଗିଥିଲା ଏବଂ ଆପଣ ନିଜ ମୁଣ୍ଡ ଉପରେ ହାତ ରଖିଦେଲେ, ଆପଣଙ୍କ ଚକ୍ଷୁରୁ ଅଶ୍ରୁ ନିର୍ଗତ ହୋଇଗଲା । ବାର୍ତ୍ତାବହ ଆହୁରି ଅନେକ ଶହିଦ୍‌ମାନଙ୍କର ନାମ ନେଇ କହିଲେ ହେ ଅମିରୁଲ୍ ମୁମିନିନ୍ ! ଏହି ମୁସଲମାନମାନେ ମଧ୍ୟ ବୀରଗତି ପ୍ରାପ୍ତ କରିଛନ୍ତି ଯାହାଙ୍କୁ ଆପଣ ଚିହ୍ନନ୍ତି ନାହିଁ । ହ.ଉମର ରୋଦନ କରୁଥିବା ଅବସ୍ଥାରେ ହିଁ କହିଲେ ଯଦି ଉମର ସେମାନଙ୍କୁ ଚିହ୍ନେ ନାହିଁ ତେବେ କିଛି ଅସୁବିଧା ନାହିଁ । ପରମେଶ୍ୱର ତ ତାଙ୍କୁ ଚିହ୍ନନ୍ତି । ଯଦିଚ ମୁସଲମାନମାନଙ୍କ ଗହଣରେ ସେମାନେ ଅଜଣା ଅଚିହ୍ନା ତେବେ କ'ଣ ହେଲା ସେଠୁ ପ୍ରଭୁ ତ ତାଙ୍କୁ ଶାହାଦତ୍‌ର ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ତାହା ହିଁ ସେମାନଙ୍କ ପାଇଁ ଯଥେଷ୍ଟ । ଯୁଦ୍ଧ ପରେ ମୁସଲମାନମାନେ ହମଦାନ୍ ପର୍ଯ୍ୟନ୍ତ ଶତ୍ରୁର ପିଛା କରିଥିଲେ । ଏହାଦେଖି ଇରାନୀ ସରଦାର ଖୁସରୁ ଶନୁମ୍ ହମଦାନ୍ ଓ ରୁସ୍ତୁଗୀ ସହର ପର୍ଯ୍ୟନ୍ତ ମୁସମାନମାନଙ୍କ ଅଧିନରେ ରହିବା ସର୍ତ୍ତରେ ସନ୍ଧି କରିନେଇଥିଲା ଏବଂ ସେଠାରେ ଆଉ ମୁସଲମାନମାନେ ଆକ୍ରମଣ କରିବେ ନାହିଁ । ଏପରି ମୁସମାନମାନେ ନହ୍‌ୱନ୍ଦ ସହର ବିଜୟ କରି ସହରକୁ ନିଜ ଅଧିକାର ଭୁକ୍ତ କରିନେଇଥିଲେ । ନହ୍‌ୱନ୍ଦ ସହର ବିଜୟ କରିବା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା । ଏଥିଅନ୍ତେ ଇରାନୀମାନଙ୍କୁ କୌଣସି ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ଆଉ ମୁକାବିଲା କରିବାର ସୁଯୋଗ ମିଳି ନଥିଲା । ମୁସମାନମାନେ ସେହି ସ୍ଥାନକୁ ଫତ୍‌ହୁଲ୍ ଫୁତୁହ୍ ନାମରେ ସ୍ମରଣ କରିଥିଲେ । ତା'ପରେ ମୁସମାନମାନେ ଅସଫହାନ୍ ଓ ହମଜାନ୍ ଅଂଚଳକୁ ମଧ୍ୟ ଜୟ କରିନେଇଥିଲେ ।

ଖୁତବାର ଶେଷ ଭାଗରେ ହଜୁର ଅନୱର ଅ.ବ ଶ୍ରୀମାନ ମୁହମ୍ମଦ ଦିୟାନତୁନୋ ସାହେବ ମୁବଲିଗ୍ ସିଲସିଲା ଇଣ୍ଡୋନେସିଆ, ଶ୍ରୀମାନ ସାହେବଜାଦାଃ ଫରହାନ୍ ଲତିଫ୍ ସାହେବ ଶିକାଗୋ ଆମେରିକା ନିବାସୀ ଏବଂ ଶ୍ରୀମାନ ମଲକ୍ ମୁବଶିର୍ ଅହମଦ ସାହେବ ଲାହୋର, ଯେ କି ପୂର୍ବତନ ଅମିର ଜମାଅତ ଶ୍ରୀମାନ ଦାଏଦ୍ ଖୈଲ୍ ମୟାନଓାଲି ସାହେବଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରି ସେମାନଙ୍କ ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କରିଥିଲେ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।